# କଟକ ମହାନଗର ନିଗମ

ଚୌଧୁରୀ ବଜାର, କଟକ-୭୫୩ ୦୦୯

ପତ୍ର ସଂ........ 3373 ........ ତାରିଖ ...17/3/26...

## ବିଜ୍ଞାପନ

ଏତଦ୍ଵାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, କଟକ ମହାନଗର ନିଗମ ଅନ୍ତର୍ଗତ ନିମ୍ନଲିଖିତ ପାର୍କିଂ ସ୍ଥାନ, ଟ୍ୟାକ୍ସି ଷ୍ଟାଣ୍ଡ୍, କିଲିଖାନା ଗୁଡ଼ିକୁ **ଚଳିତ ୨୦୨୬-୨୭ ଆର୍ଥିକ ବର୍ଷ** ଏବଂ ନଡ଼ିଆ ବଗିଚା, ପୋଖରୀ ଆଦି ସୈରାତ ଗୁଡ଼ିକ **୨୦୨୬-୨୭ ଆର୍ଥିକ ବର୍ଷ ଠାରୁ ୨୦୨୮-୨୯ ଆର୍ଥିକ ବର୍ଷ** ପର୍ଯ୍ୟନ୍ତ ନିଲାମ ପାଇଁ କଟକ ମହାନଗର ନିଗମ ଚୌଧୁରୀ ବଜାରସ୍ଥିତ କାର୍ଯ୍ୟାଳୟରେ ଆଗ୍ରହୀ ବ୍ୟକ୍ତିଙ୍କ ଠାରୁ **ଆସନ୍ତା ତା. ୧୮.୦୩.୨୦୨୬ ରିଖ ଠାରୁ ତା ୨୭.୦୩.୨୦୨୬ରିଖ ପର୍ଯ୍ୟନ୍ତ ଅପରାହ୍ଣ ୪ ଘଟିକା** ସୁଦ୍ଧା ବନ୍ଦ ଲଫାପାରେ ଟେଣ୍ଡର ଗ୍ରହଣ କରାଯିବ । ଏଣୁ ଇଚ୍ଛୁକ ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ନିମ୍ନୋକ୍ତ ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ ଉଦ୍ଦିଷ୍ଟ ସୈରାତ ଗୁଡ଼ିକ ପାଇଁ ଧାର୍ଯ୍ୟ ଆମାନତ ଅର୍ଥ, କମିଶନର, କଟକ ମହାନଗର ନିଗମଙ୍କ ସପକ୍ଷରେ କରାଯାଇଥିବା ବ୍ୟାଙ୍କ୍ ଡ୍ରାଫ୍ଟ ସହିତ ବନ୍ଦ ଲଫାପାରେ କଟକ ମହାନଗର ନିଗମ ଚୌଧୁରୀ ବଜାର ସ୍ଥିତ କାର୍ଯ୍ୟାଳୟରେ ରଖାଯାଇଥିବା ଟେଣ୍ଡର ବାକ୍ସରେ ପକାଇ ପାରିବେ ଏବଂ **ତା ୩୦.୦୩.୨୦୨୬ରିଖ ଦିବା ୧୧ ଘଟିକା** ଠାରୁ ସମସ୍ତ ଆବେଦନକାରୀଙ୍କ ଉପସ୍ଥିତରେ ନିଲାମ ଦର ଥିବା ଲଫାପା ଗୁଡ଼ିକ ପର୍ଯ୍ୟାୟ କ୍ରମେ ଖୋଲାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ । ଟେଣ୍ଡର ସମ୍ପର୍କୀୟ ସମ୍ପୂର୍ଣ୍ଣ ବିବରଣୀ କଟକ ମହାନଗର ନିଗମ ଲାଇସେନ୍ସ ବିଭାଗରୁ କାର୍ଯ୍ୟାଳୟ ଦିବସରେ ବୁଝିପାରିବା ସଂଗେ ସଂଗେ କଟକ ମହାନଗର ନିଗମର ୱେବ୍‌ସାଇଟ୍ **www.cmccuttack.odisha.gov.in** ରେ ଦେଖିପାରିବେ ।

**<u>ନିମ୍ନୋକ୍ତ ସର୍ତ୍ତାବଳୀ ଅନୁଯାୟୀ ଟେଣ୍ଡର ଚୂଡ଼ାନ୍ତ କରାଯିବ ।</u>**

୧. ପୂର୍ବ ବର୍ଷର ନିଲାମ ଟଙ୍କା ବାକି ରଖିଥିବା ବ୍ୟକ୍ତିବିଶେଷ / ଅନୁଷ୍ଠାନ ଅଥବା ପୂର୍ବରୁ ନିଲାମ ସିଦ୍ଧ ହୋଇ ନିଲାମ ଗ୍ରହଣ କରି ନଥିବା ବ୍ୟକ୍ତିବିଶେଷ / ଅନୁଷ୍ଠାନ ମାନେ ଉକ୍ତ ଟେଣ୍ଡରରେ ଭାଗ ନେଇ ପାରିବେ ନାହିଁ ।

୨. ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିବିଶେଷ ତାଙ୍କ ସପକ୍ଷରେ କୌଣସି ଫୌଜଦାରୀ ମାମଲା ବିଚାରାଧିନ ନାହିଁ କିମ୍ବା ସେ କୌଣସି ମାମଲାରେ ସଂଶ୍ଲିଷ୍ଟ ଥାଇ କାରାବ ରଣ କରି ନଥିବା ସମ୍ବନ୍ଧରେ ଏକ ସତ୍ୟପାଠ ଦାଖଲ କରିବେ ।

୩. ଯାହାଙ୍କ ନାମରେ ଟେଣ୍ଡର ସିଦ୍ଧ ହେବ, ସେ ସଂଗେ ସଂଗେ ଟେଣ୍ଡର ଟଙ୍କା ଦାଖଲ କରି ରସିଦ ହାସଲ କରିବେ । ତାହା ନ ହେଲେ, ତାଙ୍କର ଦାଖଲ ହୋଇଥିବା ଅମାନତ ଟଙ୍କା ବାଜ୍ୟାପ୍ତି କରାଯାଇ ଉକ୍ତ ଟେଣ୍ଡରରେ ଭାଗ ନେଇଥିବା ଅନ୍ୟ ବ୍ୟକ୍ତି ବା ଅନୁଷ୍ଠାନକୁ ଟେଣ୍ଡର ଦିଆଯିବ ।

୪. ଯଦି ସର୍ବୋଚ୍ଚ ଟେଣ୍ଡର ସନ୍ତୋଷଜନକ ନ ହୁଏ, ତାହେଲେ କର୍ତ୍ତୃପକ୍ଷ ଇଚ୍ଛା କଲେ ଟେଣ୍ଡର ଚୂଡ଼ାନ୍ତ ନକରି ପୁନି ଟେଣ୍ଡର କରି ପାରିବେ ।

୫. ଟେଣ୍ଡର ଗ୍ରହୀତା ପାର୍କିଂ ଫି (ମହାସୁଲ) ନିମ୍ନ ମତେ ଆଦାୟ କରିବେ ।

(କ) ଚାରି ଚକିଆ ଯାନ ପ୍ରତି ଦୈନିକ ଟ.୫୦.୦୦ଙ୍କା ।

(ଖ) ତିନି ଚକିଆ ଯାନ ପ୍ରତି ଦୈନିକ ଟ.୫୦.୦୦ଙ୍କା ।

(ଗ) ଦୁଇ ଚକିଆ ଯାନ ପ୍ରତି ଦୈନିକ ଟ.୨୦.୦୦ଙ୍କା ।

(ଘ) ସାଇକେଲ ପ୍ରତି ଦୈନିକ ଟ.୫.୦୦ଙ୍କା ।

୬. ପାର୍କିଂ ସ୍ଥାନ ସକାଳ ଘ.୮.୦୦ଟିକା ଠାରୁ ରାତ୍ର ଘ.୧୧.୦୦ଟିକା ପର୍ଯ୍ୟନ୍ତ ଖୋଲା ରଖିବେ ।

୭. ପାର୍କିଂ ସ୍ଥାନ ମହାସୁଲ ଆଦାୟକାରୀ ମାନେ ନିର୍ଦ୍ଦିଷ୍ଟ ସମପୋଷାକ (ୟୁନିଫର୍ମ) ପରିଧାନ କରିବା ସହିତ ନିଜର ପରିଚୟ ପତ୍ର ବେକରେ ଝୁଲାଇବେ ।

ପତ୍ର ସଂ. . . . . . . . . . . . . . . . . . . ତାରିଖ . . . . . . . . . . . . . . .

୮. ପାର୍କିଂ ସ୍ଥାନକୁ ଟେଣ୍ଡର ଗ୍ରହୀତା ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରିପାରିବେ ନାହିଁ ।

୯. ଟେଣ୍ଡର ଗ୍ରହୀତା ପାର୍କିଂ ସ୍ଥାନରେ ରହୁଥିବା ଯାନବାହାନର ନିରାପତ୍ତା ନିମନ୍ତେ ଜଗୁଆଳୀର ବ୍ୟବସ୍ଥା କରିବେ ।

୧୦. ଧାର୍ଯ୍ୟ ଅମାନତ ଅର୍ଥ କମିଶନର, କଟକ ମହାନଗର ନିଗମଙ୍କ ସପକ୍ଷରେ କରାଯାଇଥିବା ବ୍ୟାଙ୍କ ଡ୍ରାଫ୍ଟ ଆବେଦନକାରୀ ନିଜ ନାମରେ ବ୍ୟାଙ୍କରୁ କ୍ରୟ କରିବେ ।

୧୧. ଯାହାଙ୍କ ନାମରେ ଟେଣ୍ଡର ସିଦ୍ଧ କରାଯିବ, ସେ ମ୍ୟୁନିସିପାଲ କମିଶନରଙ୍କ ସହିତ ଆବଶ୍ୟକୀୟ ଚୁକ୍ତିନାମା ଟେଣ୍ଡର ଚୂଡ଼ାନ୍ତ ହେବାର ସାତ ଦିନ ମଧ୍ୟରେ କରିବେ ।

୧୨. ଉକ୍ତ ଟେଣ୍ଡର ଡ଼ାକକୁ କର୍ତୃପକ୍ଷ ଇଚ୍ଛା କଲେ କୌଣସି କାରଣ ନ ଦର୍ଶାଇ ରଦ୍ଦ କରିପାରିବେ ।

| କ୍ର.ନଂ | ସୈରାତ ଗୁଡ଼ିକର ନାମ | ଟେଣ୍ଡର ପାଇଁ ସର୍ବନିମ୍ନ ଧାର୍ଯ୍ୟ ରାଶି | ଅମାନତ ଟଙ୍କା | ମିଆଦ |
|---|---|---|---|---|
| ୧. | ବମ୍ବେ ହୋଟେଲ ସମ୍ମୁଖ ପାର୍କିଂ ସ୍ଥାନ, ଯୋବ୍ରା ରୋଡ଼ (Appx. 2200 Sqft) | ଟ.୧୭୫୩୧୩/- | ଟ. ୧୭୫୩୨/- | ଆର୍ଥିକ ବର୍ଷ ୨୦୨୬-୨୭ |
| ୨. | ଏସ.ବି.ଆଇ. ମୁଖ୍ୟ ଶାଖା ସାମନା ତିନିକୋଣିଆ ପାର୍କିଂ ସ୍ଥାନ(Appx. 10200 Sqft) | ଟ.୪୭୫୦୦୦/- | ଟ.୪୭୫୦୦/- | |
| ୩. | ପି.ଏମ୍. ଏକାଡ଼େମୀ ପାଖ ପାର୍କିଂ ସ୍ଥାନ (Appx. 3500 Sqft) | ଟ.୧୦୩୨୦୦/- | ଟ.୧୦୩୨୦/- | |
| ୪. | ଟେଲିଫୋନ ଭବନ ସମ୍ମୁଖ ପାର୍କିଂ ସ୍ଥାନ, ବକ୍ସିବଜାର ରୋଡ଼ (Appx. 7200 Sqft) | ଟ.୮୪୦୦୦/- | ଟ.୮୪୦୦/- | |
| ୫. | ମଙ୍ଗଳାବାଗ ଭେଟେରିନାରୀ କାର୍ଯ୍ୟାଳୟ ପାଖ ପାର୍କିଂ ସ୍ଥାନ (Appx. 2457 Sqft) | ଟ.୧୩୩୫୬୦/- | ଟ.୧୩୩୫୬/- | |
| ୬. | ସୃଷ୍ଟି ହସ୍‌ପିଟାଲ ସମ୍ମୁଖ, ରିଙ୍ଗ ରୋଡ଼(ମହାନଦୀ ପଟ) (Appx. 60348 Sqft) | ଟ.୭୧୯୪୦୦/- | ଟ.୭୧୯୪୦/- | |
| ୭. | ଶ୍ରୀମା ହସ୍‌ପିଟାଲ ସମ୍ମୁଖ, ରିଙ୍ଗ ରୋଡ଼(ମହାନଦୀ ପଟ) (Appx. 28100 Sqft) | ଟ.୫୫୪୧୦୦/- | ଟ.୫୫୪୧୦/- | |
| ୮. | ପୋଷ୍ଟ ଅଫିସ ସମ୍ମୁଖ ପାର୍କିଂ ସ୍ଥାନ, ଚାନ୍ଦିନୀଚୌକ (Appx. 1720 Sqft) | ଟ.୪୨୦୨୨/- | ଟ.୪୨୦୩/- | |
| ୯. | ପେଟ୍ରୋଲ ପମ୍ପ ସମ୍ମୁଖ ପାର୍କିଂ ସ୍ଥାନ, କଲେଜଛକ (Appx. 3120 Sqft) | ଟ.୧୪୫୬୪୦/- | ଟ.୧୪୫୬୪/- | |
| ୧୦. | ଶୈଳବାଳା ମହାବିଦ୍ୟାଳୟ ପାଖ ପାର୍କିଂ ସ୍ଥାନ(Appx. 1400 Sqft) | ଟ.୮୩୦୫୦/- | ଟ.୮୩୦୫/- | |
| ୧୧. | ଆକବରୀ ଖାଁ ଗୁଡ଼ାଖୁ ଦୋକାନ ସମ୍ମୁଖ ପାର୍କିଂ ସ୍ଥାନ, ନିମଚୌଡ଼ି(Appx. 1000 Sqft) | ଟ.୩୫୯୦୦/- | ଟ.୩୫୯୦/- | |
| ୧୨. | ପୁରୁଣା ଜେଲ ସମ୍ମୁଖ ପାର୍କିଂ ସ୍ଥାନ, ଦରଘା ବଜାର (Appx. 5150 Sqft) | ଟ.୧୨୪୪୧୦/- | ଟ.୧୨୪୪୧/- | |
| ୧୩. | କନିକା ଛକ ପାର୍କିଂ ସ୍ଥାନ (Appx. 4968Sqft) | ଟ.୧୧୦୦୦/- | ଟ.୧୧୦୦/- | |
| ୧୪. | ବକ୍ସିବଜାର ରୋଡ଼ ଉପର ମାଳିସାହି ଗଡ଼ା ନିକଟ ପାର୍କିଂସ୍ଥାନ (Appx. 3580 Sqft) | ଟ.୫୬୪୦୦/- | ଟ.୫୬୪୦/- | |
| ୧୫. | ଗୋପବନ୍ଧୁ ପାର୍କ ପାର୍ଶ୍ଵବର୍ତୀ ପାର୍କିଂ ସ୍ଥାନ, ବକ୍ସି ବଜାର (Appx. 2100 Sqft) | ଟ.୨୪୦୦୦/- | ଟ.୨୪୦୦/- | |
| ୧୬. | ମାତାମଠ ଛକ ବିଏସ୍‌ଏନ୍‌ଏଲ୍ ପାଚେରୀ ପଟ ପାର୍କିଂସ୍ଥାନ, ରିଙ୍ଗରୋଡ଼ | ଟ.୪୨୧୦୦/- | ଟ.୪୨୧୦/- | |
| ୧୭. | **ଏଲ୍‌ଆଇସି ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖ ଓ ସହିଦ ପାର୍କ ପାର୍ଶ୍ଵବର୍ତି ଖାଲି ସ୍ଥାନ** (Appx. 19200 Sqft) | ଟ.୨୪୧୫୦୦/- | ଟ.୨୪୧୫୦/- | |
| ୧୮. | ଶ୍ରୀଜା ହସ୍‌ପିଟାଲ ନିକଟ ତାଳଦଣ୍ଡାକେନାଲ ରୋଡ଼ ପାର୍କିଂ ସ୍ଥାନ | ଟ.୨୯୦୦୦୦/- | ଟ.୨୯୦୦୦/- | |
| ୧୯. | ବୋଟ କ୍ଲବ ନିକଟ ପାର୍କିଂ ସ୍ଥାନ ଯୋବ୍ରା ରୋଡ଼ (Appx. 20500 Sqft) | ଟ.୨୨୦୦୦୦/- | ଟ.୨୨୦୦୦/- | |
| ୨୦. | ଛୋଟି ମସ୍‌ଜିଦ୍ ନିକଟ ପାର୍କିଂସ୍ଥାନ ଦରଘା ବଜାର | ଟ.୧୦୦୦୦/- | ଟ.୧୦୦୦/- | |
| ୨୧. | ଅରବିନ୍ଦ ଲଜ ସମ୍ମୁଖ ଟ୍ୟାକ୍ସି ଷ୍ଟାଣ୍ଡ, କଲେଜ ଛକ (Appx. 2610Sqft) | ଟ.୩୬୭୫୦୦/- | ଟ.୩୬୭୫୦/- | |
| ୨୨. | ବାଦାମବାଡ଼ି ଟ୍ୟାକ୍ସି ଷ୍ଟାଣ୍ଡ, | ଟ.୨୨୫୫୦୦/- | ଟ.୨୨୫୫୦/- | |
| ୨୩. | ସତୀଚୌରା କିଲିଖାନା | ଟ.୧୧୭୩୭୫/- | ଟ.୧୧୭୩୮/- | |
| ୨୪. | ପଞ୍ଚାପୋଲ କିଲିଖାନା | ଟ. ୨୫୮୦୭୫/- | ଟ.୨୫୮୦୮/- | |
| ୨୫. | ଖାନନଗର କିଲିଖାନା | ଟ.୩୮୪୦୭୫/- | ଟ.୩୮୪୦୮/- | |

# କଟକ ମହାନଗର ନିଗମ

ଚୌଧୁରୀ ବଜାର, କଟକ-୭୫୩ ୦୦୯

ପତ୍ର .ସଂ. . . . . . . . . . . . . . . . . . . ତାରିଖ . . . . . . . . . . . . . . .

| | | | | |
|---|---|---|---|---|
| ୧୬. | ସେଲଟରଛକ ପୋଖରୀ | ଟ.୩୦୦୦୦/- | ଟ.୩୦୦୦/- | ଆର୍ଥିକ ବର୍ଷ ୨୦୨୬-୨୭ ଠାରୁ ୨୦୨୮-୨୯ |
| ୧୭. | ଘି ପୋଖରୀ, ପ୍ରତାପ ନଗରୀ, ୱାର୍ଡ଼ ନଂ-୫୮ | ଟ.୨୪୮୦୦/- | ଟ.୨୪୮୦/- | |
| ୧୮. | ଗୋପବନ୍ଧୁ ପାର୍କ ସ୍ଥିତ ନଡ଼ିଆ ଗଛ, ବକ୍ସି ବଜାର | ଟ.୧୮୦୦୦/- | ଟ.୧୮୦୦/- | |
| ୧୯. | ତୁଳସୀପୁର ମ୍ୟୁନିସିପାଲ୍ କ୍ୱାଟର ସ୍ଥିତ ନଡ଼ିଆ ଗଛ | ଟ.୧୮୦୦/- | ଟ.୧୮୦/- | |

ଆୟୁକ୍ତଙ୍କ ଆଦେଶ କ୍ରମେ

ଉପ ଆୟୁକ୍ତ

ଜ୍ଞାପକ ସଂ. 3374/ତା. 17/3/26

ଏହାର ଏକ କିତା ନକଲ ଅତିରିକ୍ତ ଆୟୁକ୍ତ / ସମସ୍ତ ଉପ ଆୟୁକ୍ତ / ସମସ୍ତ ସହକାରୀ ଆୟୁକ୍ତ / ନଗର ଯନ୍ତ୍ରୀ / ସ୍ୱାସ୍ଥ୍ୟ ଅଧିକାରୀ /ବିତ ଅଧିକାରୀ / ବିଜ୍ଞାପନ ବିଭାଗ / ଶ୍ରୀ ବିଭୁତି ଭୁଷଣ ସାହୁ, ଏମ.ଆଇ.ଏସ୍. କମ୍ପ୍ୟୁଟର ପ୍ରୋଗ୍ରାମର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ଶ୍ରୀ ସାହୁ ଉକ୍ତ ଟେଣ୍ଡରକୁ ମହାନଗର ନିଗମ ୱେବସାଇଟରେ ପ୍ରକାଶନ ନିମନ୍ତେ ନିର୍ଦ୍ଦେଶ ଦିଆଗଲା ।

ଉପ ଆୟୁକ୍ତ

ଜ୍ଞାପକ ସଂ. 3375/ତା. 17/3/26

ଏହାର ଏକ କିତା ନକଲ ଏ.ସି.ପି. (ଟ୍ରାଫିକ), କଟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ

ଜ୍ଞାପକ ସଂ. 3376/ତା. 17/3/26

ଏହାର ଏକ କିତା ନକଲ ମେୟର ଏବଂ ଆୟୁକ୍ତଙ୍କ କ୍ଷିପ୍ର ଲେଖକଙ୍କୁ ମାନ୍ୟବର ମେୟର ଓ ଆୟୁକ୍ତ ମହୋଦୟଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ

ଜ୍ଞାପକ ସଂ. 3377/ତା. 17/3/26

ଏହାର ଏକ କିତା ନକଲ କଟକ ମହାନଗର ନିଗମ କାର୍ଯ୍ୟାଳୟ ନୋଟିସ ବୋର୍ଡ଼/ ଜିଲ୍ଲାପାଳ, କଟକ/ ଉପ ଜିଲ୍ଲାପାଳ, କଟକ ସଦର/ ତହସିଲଦାର, ସଦର କଟକଙ୍କ ନୋଟିସ ବୋର୍ଡ଼ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଯିବା ପାଇଁ ଅନୁରୋଧ କରାଗଲା ।

ଉପ ଆୟୁକ୍ତ

ଜ୍ଞାପକ ସଂ. 3378/ତା. 17/3/26

ଏହାର ଏକ କିତା ନକଲ ଭାରପ୍ରାପ୍ତ ଅଧିକାରୀ, ପୁରୀଘାଟ ଥାନାଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ